## ମ୍ୟାଲେରିଆ ନିରୋଧ ମାସ ପାଳନ ନିମନ୍ତେ ଜିଲ୍ଲା ସ୍ତରୀୟ ବୈଠକ ।

## Observance of Anti Malaria Month.

ଅନୁଗୋଳ,ତା.୦୨.୦୭:- ଜାତୀୟ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ କାର୍ଯ୍ୟକ୍ରମରେ ମ୍ୟାଲେରିଆ .ଓ ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନତା ବାର୍ତ୍ତା ପହଞ୍ଚାଇବା ଉଦ୍ଦେଶ୍ୟରେ ଆଜି ପୂର୍ବାହ୍ନରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପ୍ରଶିକ୍ଷଣ ଗୃହରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ମ୍ୟାଲେରିଆ ରୋଗର ମୂଳୋତ୍ପାଟନ ପାଇଁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜୁନ୍ ମାସକୁ ମ୍ୟାଲେରିଆ ନିରୋଧ ମାସ ଭାବେ ପାଳନ କରାଯାଉଛି । ଜୁନ୍ ମାସ ୧୭ ତାରିଖରୁ ସେପ୍ଟେମ୍ବର ୧୬ ତାରିଖ ପର୍ଯ୍ୟନ୍ତ ମେଲେରିଆ,ଡେଙ୍ଗୁ ଓ ଡାଇରିଆ ସଚେତନତା ଅଭିଯାନ କାର୍ଯ୍ୟକ୍ରମ ପାଳନ କରାଯିବ ଓ ଏହି ସମୟ ମଧ୍ୟରେ ପରିବେଶ ସଫାସୁତରା ରଖି ମଶା ବଂଶ ବୃଦ୍ଧିକୁ ରୋକିବା ନିମନ୍ତେ ବିଭିନ୍ନ ପ୍ରକାର ସଚେତନତା କାର୍ଯ୍ୟକ୍ରମ ଜିଲ୍ଲା ବ୍ୟାପି ବିଭାଗୀୟ ଅଧିକାରୀଙ୍କ ସହଯୋଗରେ କରାଯିବ । ଅନୁଷ୍ଠିତ ବୈଠକରେ ଜିଲ୍ଲାପାଳ ଶ୍ରୀ ମନୋଜ କୁମାର ମହାନ୍ତି ଅଧ୍ୟକ୍ଷତା କରି ବିଭାଗୀୟ ଅଧିକାରୀମାନେ ନିଜ ଦାୟିତ୍ୱ ପ୍ରତି ସଚେତନ ରହିବା ସହ ବିଭାଗୀୟ କାର୍ଯ୍ୟକ୍ରମକୁ ସଫଳତାର ସହିତ କାର୍ଯ୍ୟକାରୀ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ । ଏ ବର୍ଷର ବାର୍ତ୍ତା 'ସୁସ୍ଥ ପରିବାର ସୁସ୍ଥ ସମାଜ' ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ । ମ୍ୟାଲେରିଆ ଭଳି ଏକ ମାରାତ୍ମକ ରୋଗର ପ୍ରତିରୋଧ କରିବା ନିମନ୍ତେ ପ୍ରତ୍ୟେକ ସ୍ତରରେ ସଚେତନତା ସୃଷ୍ଟି କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ପରାମର୍ଶ ଦେଇଥିଲେ । ଏହି ରୋଗ କବଳରୁ ନିଜକୁ ତଥା ନିଜ ପରିବାକୁ ରକ୍ଷା କରିବା ନିମନ୍ତେ ପରିବେଶ ସଫା ସୁତରା ରଖିବା ଓ ନିୟମିତ ମଶାରୀ ବ୍ୟବହାର କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ । ମ୍ୟାଲେରିଆ ପ୍ରବଣ ଅଂଚଳରେ ଔଷଧଯୁକ୍ତ ମଶାରୀ ଯୋଗାଇ ଦେବା ସହ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାକୁ ଜିଲ୍ଲାପାଳ ବିଭାଗୀୟ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଛନ୍ତି । ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ଲୋକମାନଂକୁ ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନ କରିବାକୁ ସେ ପରାମର୍ଶ ଦେଇଛନ୍ତି । ଜିଲ୍ଲାରେ ଡେଙ୍ଗୁ ରୋଗରେ ଗତ ୫ ବର୍ଷରେ ମୃତ୍ୟୁ ସଂଖ୍ୟା ଶୂନ୍ ଥିବାରୁ ଜିଲ୍ଲାପାଳ ସନ୍ତୋଷ ବ୍ୟକ୍ତ କରିଥିଲେ । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତୀ ବାସନ୍ତୀ କିଷାନ ଏହି କାର୍ଯ୍ୟକ୍ରମରେ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଆଶା ଓ ଅଙ୍ଗନୱାଡି କର୍ମୀମାନେ ଘରକୁ ଘର ବୁଲି ମାଆ ମାନଙ୍କୁ ମ୍ୟାଲେରିଆ ଓ ଡେଙ୍ଗୁ ରୋଗ ସମ୍ପର୍କରେ ସଚେତନ କରିବାକୁ ପରାମର୍ଶ ଦେଇଥିଲେ । ମାଆ ସଚେତନ ହେଲେ ପରିବାର ସଚେତନ ହେବ ଏବଂ ପ୍ରତ୍ୟେକ ପରିବାର

ସଚେତନ ହେଲେ ଏକ ସୁସ୍ଥ ସମାଜ ଗଠନ କରିବାରେ ସହାୟକ ହୋଇପାରିବ ବୋଲି ସେ ମତବ୍ୟକ୍ତ କରିଥିଲେ । ଆସନ୍ତା ୨୦୨୦ ମସିହା ବେଳକୁ ଏହି ରୋଗରେ ମୃତ୍ୟୁ ସଂଖ୍ୟାକୁ ଶୂନ୍‌ରେ ପରିଣତ କରିବା ପାଇଁ ସେ ସମସ୍ତଙ୍କର ସହଯୋଗ କାମନା କରିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭେକ୍ଟର ବାହିତ) ଡା.ବିଶ୍ୱ ବିହାରୀ ମହାନ୍ତି ମ୍ୟାଲେରିଆ ରୋଗର ଲକ୍ଷଣ ଓ ପ୍ରତିକାର ସମ୍ପର୍କରେ ପାୱାର ପଏଣ୍ଟ ଉପସ୍ଥାପନ କରିଥିଲେ । ସଠିକ୍ ସମୟରେ ମ୍ୟାଲେରିଆ ରୋଗକୁ ଚିହ୍ନଟ କରି ଏହାର ସମ୍ପୂର୍ଣ୍ଣ କୋର୍ସ ଔଷଧ ରୋଗୀଙ୍କୁ ସେବନ କରିବାକୁ ଦିଆଗଲେ ଏହି ରୋଗ ନିୟନ୍ତ୍ରଣ ହୋଇପାରିବ । ପ୍ରାରମ୍ଭରେ ଜିଲ୍ଲାମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା.ପ୍ରତାପ କୁମାର ବେହେରା ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ମ୍ୟାଲେରିଆ ନିରୋଧ ମାସ ପାଳନର ତାତ୍ପର୍ଯ୍ୟ ସମ୍ପର୍କରେ ଆଲୋକପାତ କରିଥିଲେ । ମ୍ୟାଲେରିଆ ରୋଗ ସମ୍ପର୍କରେ ସଚେତନତା ସୃଷ୍ଟି ନିମନ୍ତେ ଜିଲ୍ଲାରେ ଦୁର୍ଗମ ଅଂଚଳରେ ମ୍ୟାଲେରିଆ ନିରାକରଣ (ଦମନ) କାର୍ଯ୍ୟକ୍ରମ ଚାଲିବ । ଆମ ଜିଲ୍ଲାର ଚିହ୍ନଟ ହୋଇଥିବା ୬ଟି ବ୍ଲକର ୨୬୧ଟି ଗ୍ରାମରେ ଏହି କାର୍ଯ୍ୟକ୍ରମ ଚାଲିବ । ଆଶା ଓ ଅଙ୍ଗନାୱାଡି କର୍ମୀ ତଥା ସ୍ୱାସ୍ଥ୍ୟ କର୍ମୀମାନଙ୍କୁ ନେଇ ଗଠିତ ଦଳ ଗାଁକୁ ଗାଁ ବୁଲି ଗର୍ଭବତୀ ମହିଳା ଏବଂ ୫ ବର୍ଷ ବୟସରୁ କମ୍ ଶିଶୁଙ୍କ ସମେତ ସମସ୍ତଙ୍କର ରକ୍ତ ପରୀକ୍ଷା କରିବେ । ଏହି କାର୍ଯ୍ୟକ୍ରମ ସମୟରେ ଅଂଗନୱାଡି ଓ ଆଶା କର୍ମୀମାନେ ଘରକୁ ଘର ବୁଲି ଓ ଆର ଏସ୍ ପାଉଡର ବଣ୍ଟନ ଓ ଏହାକୁ ପ୍ରସ୍ତୁତ କରିବାର ପ୍ରଣାଳୀ ଲୋକମାନଙ୍କୁ ଦେଖାଇବେ । ଏହାଛଡା ଆବଶ୍ୟକ ଔଷଧ ମଧ୍ୟ ବିତରଣ କରିବେ । ମ୍ୟାଲେରିଆର ସମ୍ପୂର୍ଣ୍ଣ ନିରାକରଣ ନିମନ୍ତେ ଭେକ୍ଟର ବାହିତ ରୋଗ ନିୟନ୍ତ୍ରଣ ଦ୍ୱାରା ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଚାଲିବ । ଶେଷରେ ଡି. ପି.ଏମ୍ ଏନ୍ ଏର୍ ଏମ୍ ଶ୍ରୀ ବିଶ୍ୱ ରଂଜନ ରଥ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସହକାରୀ ଜିଲ୍ଲା ଜନସ୍ୱାସ୍ଥ୍ୟ ଯୋଜନା ଯୋଜନା ଅଧିକାରୀ ମନ୍ଦାକିନୀ ବେହେରା ଓ ଭିଭିଡି କନସଲଟାଣ୍ଟ ନିରୁପମା ଦାସ୍ ଏହି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଭିନ୍ନ ବିଭାଗର ଅଧିକାରୀ, ସିଡିପିଓ , ସ୍ୱାସ୍ଥ୍ୟ କର୍ମୀ ଓ ଆଶାକର୍ମୀମାନେ ଯୋଗ ଦେଇଥିଲେ ।


OBSERVANCE OF ANTI-MALARIA MONTH
FOR THE MONTH JUNE 2019
On 2nd July
VENUE- NHM TRAINING HALL
Organised by-


OBSERVANCE OF ANTI-MALARIA MONTH
FOR THE MONTH JUNE 2019
On 2nd July
VENUE- NHM TRAINING HALL
Organised by-
DISTRICT HEALTH ADMINISTRATION ,ANGUL